## ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର, ୧୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ନୂଆନଈ ଛକ ନିକଟରେ ଥିବା ଏକ ଗ୍ରୋସରୀ ଦୋକାନୀଙ୍କୁ ବୁଧବାର ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ଦୋକାନୀ ହେଲେ ଏହି ଥାନା ହିଡ଼ିଗାଁ ଗ୍ରାମର ସପନ ଗିରି। ପୋଲିସ ପହଞ୍ଚି ଆହତ ଦୋକାନୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୩୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ସପନ ସକାଳେ ଗ୍ରୋସରୀ ଦୋକାନ ଖୋଲିଥିଲେ। ଗବଗାଁ ଅଞ୍ଚଳର ୬ଜଣ ଯୁବକ ୨ଟି ବାଇକ୍‌ରେ ଆସି ତାଙ୍କ ଦୋକାନ ଭିତରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ମାଟି ପକାଇବାକୁ କେନ୍ଦ୍ରକରି ବିବାଦ ଯୋଗୁ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦୋକାନୀଙ୍କ ହାତ, ଗୋଡ଼ ଓ ପେଟରେ ଗଭୀର ଆଘାତ ଲାଗିଛି। ଆକ୍ରମଣ କରି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବରପାଇ ଚାନ୍ଦିପୁର ଥାନା ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

# ୩୧ରୁ ଚନ୍ଦନେଶ୍ୱର ମହାଦେବଙ୍କ ଚୈତ୍ର ଚଡ଼କମେଳା


ଚଡ଼କ ପର୍ବର ନୀତି ନିର୍ଘଣ୍ଟ ଓ କାର୍ଯ୍ୟସୂଚୀକୁ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ, ମୁଖ୍ୟ ସେବାୟତ ଓ ପ୍ରଶାସନିକ ଅଧିକାରୀ।

■ ଭକ୍ତଙ୍କ ଟିକେଟ ଧାର୍ଯ୍ୟ ୧୦ଟଙ୍କା

■ ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ସ୍ୱଚ୍ଛତା, ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ

ଭୋଗରାଇ, ୧୨।୩(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକସ୍ଥିତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କ ମେଳା ଆସନ୍ତା ୩୧ରୁ ଶୁଭାରମ୍ଭ ହେବ। ଏଥିନିମନ୍ତେ ବୁଧବାର ଚନ୍ଦନେଶ୍ୱର ଯାତ୍ରିନିବାସରେ ଜିଲା ପ୍ରଶାସନ, ଟ୍ରଷ୍ଟବୋର୍ଡ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସେବାୟତଙ୍କ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ହୋଇଥିଲା। ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଦିବଂଗତ ଅନନ୍ତ ଦାସଙ୍କ ପରଲୋକରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଚଳିତବର୍ଷ ପ୍ରସିଦ୍ଧ ଚଡ଼କ ପର୍ବର ନୀତି ନିର୍ଘଣ୍ଟ ଓ କାର୍ଯ୍ୟସୂଚୀକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ମୁଖ୍ୟ ସେବାୟତ ତପନ କୁମାର ପଣ୍ଡା ଚଡ଼କ ମେଳାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ବିବରଣୀ ପାଠ କରିଥିଲେ। ଏହି ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଶାନ୍ତିଶୃଙ୍ଖଳା ସମ୍ପର୍କିତ ପର୍ଯ୍ୟାଲୋଚନା କରାଯାଇଥିଲା। ଚନ୍ଦନେଶ୍ୱରଜୀଉଙ୍କଠାରେ ଉପବିତଧାରୀ ଭକ୍ତଙ୍କ ସକାଶେ ପୂର୍ବବର୍ଷ ଭଳି ୧୦ଟଙ୍କା ଟିକେଟ ବାବଦକୁ ରଖାଯାଇଥିବା ଟ୍ରଷ୍ଟବୋର୍ଡ ପକ୍ଷରୁ ଘୋଷଣା ହୋଇଥିଲା। ଏହି ପ୍ରସିଦ୍ଧ ମେଳାକୁ ଓଡ଼ିଶା ସମେତ ଭିନ୍ନ ରାଜ୍ୟରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଆଗମନ ହେବାର ସମ୍ଭାବନା ଥିବାରୁ ସୁରକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟଜଳ, ଶୌଚାଗାର, ସ୍ୱଚ୍ଛତା, ଯାତ୍ରୀ ପରିବହନ, ଟ୍ରାଫିକ ନିୟନ୍ତ୍ରଣ, ମନ୍ଦିରକୁ ପ୍ରବେଶ ଓ ପ୍ରସ୍ଥାନରେ ବାରିକେଡ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚଳିତମାସ ୩୧ରୁ ଚନ୍ଦନେଶ୍ୱର ଜୀଉଙ୍କ ରୁଦ୍ରାଭିଷେକ, ନୀତିକାନ୍ତି ପୂଜା, ମୌରସୀଙ୍କ ଆଜ୍ଞାମାଳ, ପଡାବାଉଁଶ ଛେଦନ, ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆଙ୍କ ଉପବୀତ ଧାରଣ, ଅର୍ଘ୍ୟଦାନରୁ ମହାଦେବଙ୍କ ଚଡ଼କ ମେଳା ଶୁଭାରମ୍ଭ ହେବ। ଏପ୍ରିଲ ୧ରୁ ଚନ୍ଦନେଶ୍ୱର ମହାଦେବଙ୍କ ଘଟ ଉତ୍ତୋଳନ ଓ ସମସ୍ତ ସେବାୟତ ଗୃହକୁ ଯାଇ ସୁଆଙ୍ଗ ଆନୟନ ସହ ନୀତିକାନ୍ତି ପୂଜା ଓ ଆରାଧନା କାର୍ଯ୍ୟ ଚାଲୁରହିବ। ଅନୁରୂପ ଭାବେ ଏସିଆର ସର୍ବବୃହତ ଶିବଲିଙ୍ଗ କୁହାଯାଉଥିବା ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଏକ ସମୟରେ ଚୈତ୍ର ଚଡକ ମେଳା ଉଦଯାପିତ ହେବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରିଣୀ ମଧୁସ୍ମିତା ସାମନ୍ତରାୟ, ରାଜସ୍ୱ ବିଭାଗର ଏଡିଏମ ହେମନ୍ତ କୁମାର ସିଂ, ସିଡିଏମଓ ଗୋପୀନାଥ ପରିଡା, ଜିଲା ସୂଚନା ଲୋକସମ୍ପର୍କ ଅଧିକାରିଣୀ ଐଶ୍ୱର୍ଯ୍ୟା ସାମନ୍ତରାୟ, ବିଡିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ ନାୟକ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ଏସ୍‌ଡିପିଓ ଦିଲୀପ କୁମାର ସାହୁ, ମନ୍ଦିର ଟ୍ରଷ୍ଟବୋର୍ଡର ଉପମୌରସୀ ବୁଦ୍ଧଦେବ ପଣ୍ଡା, ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜ୍ୟୋତିରଞ୍ଜନ ରାଉତ, ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ପିନାକୀ ପ୍ରସାଦ ସ୍ୱାଇଁ, କନିଷ୍ଠଯନ୍ତ୍ରୀ ଅନିଲ କୁମାର ଦାସ, ଗ୍ରାମ୍ୟ ଉନ୍ନୟନର ଏସ୍‌ଡିଓ ଅବନୀ କୁମାର ରାଉତ, ଆରଡବ୍ଲୁଏସ୍ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମୀର ଦେ ଓ କନିଷ୍ଠଯନ୍ତ୍ରୀ ହରପ୍ରିୟା ମହାନ୍ତ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପଙ୍କଜାକ୍ଷ ପଣ୍ଡା, ଭୁବନାନନ୍ଦ ଦାସ, ରମାକାନ୍ତ କରଣ, ଗଣପତି ଗିରି, ହେମନ୍ତ କୁମାର ବେହେରା, ଗୋବିନ୍ଦ ଦାସ ସହ ବହୁ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି ସେମାନଙ୍କର ତଥ୍ୟ ଉପସ୍ଥାପନ କରିଥିଲେ।

## ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ଏମ୍‌ସ ସାଟେଲାଇଟ୍ ସେଣ୍ଟର

ବାଲେଶ୍ୱର, ୧୨।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଏମ୍‌ସ ସାଟେଲାଇଟ ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ପୂର୍ବରୁ ବହୁବାର ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏମ୍‌ପି ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ।

ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଥମେ ପତ୍ର ଓ ପରବର୍ତ୍ତୀ ସମୟରେ ଟେଲିଫୋନ୍ ମାଧ୍ୟମରେ ଏମ୍‌ପି ଷଡ଼ଙ୍ଗୀଙ୍କୁ ଏହି ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏଥିନିମନ୍ତେ ଆବଶ୍ୟକ ଅର୍ଥ ଓ ଅନ୍ୟାନ୍ୟ ବ୍ୟବସ୍ଥା ଶୀଘ୍ର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସେଣ୍ଟର କାର୍ଯ୍ୟକ୍ଷମ ହେଲେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ଜନସାଧାରଣ ଉପକୃତ ହେବେ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି।


ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ।

## ଜେଜେଙ୍କ ଦଶାହ ଦିନ ଆଖିବୁଜିଲେ ନାତି

ଖଇରା, ୧୨।୩ (ଉତ୍କଳବନ୍ଧୁ ପଣ୍ଡା)


ଜଗନମୋହନ ଲେଙ୍କା।

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁବଡ ଗ୍ରାମରେ ଜେଜେଙ୍କ ଦଶାହ କାର୍ଯ୍ୟ ନ ସରୁଣୁ ନାତି ପାଣିରେ ବୁଡ଼ି ମୃତ୍ୟୁବରଣ କରିବା ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗାଁର ଉପେନ୍ଦ୍ର ଲେଙ୍କାଙ୍କ ମୃତ୍ୟୁ ପରେ ବୁଧବାର ଦଶାହ ପାଇଁ ଗାଁ ପୋଖରୀ ତୁଠରେ ବନ୍ଧୁବାନ୍ଧବ ଶୁଦ୍ଧିକ୍ରିୟା ପାଇଁ ଏକଜୁଟ ହୋଇଥିଲେ। ଘଟଣାକ୍ରମେ ଉପେନ୍ଦ୍ରଙ୍କ ନାତି ଜଗନ ମୋହନ(୨୦) ଲଣ୍ଡା ହେବା ପରେ ପୋଖରୀ ଭିତରକୁ ଯାଇଥିଲେ। ହେଲେ ଗୋଡ ଖସିଯିବାରୁ ସେ ପାଣିରେ ବୁଡି ଯାଇଥିଲେ। ପରେ ସେ ଦୀର୍ଘସମୟ ଧରି ଉପରକୁ ନ ଆସିବାରୁ ଖବରପାଇ ଔପଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଗନମୋହନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖଇରା ମେଡିକାଲକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଜଗନମୋହନ ଏବେ ଖଇରା ମହବିଦ୍ୟାଳୟର +୩ ପ୍ରଥମ ବର୍ଷରେ ପଢୁଥିଲେ।

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ହେଉନି

ଜଳେଶ୍ୱର, ୧୨।୩(ନବୀନ ସାହୁ)

**ଥାନା ଡ୍ରାଇଭରଙ୍କ ଦବଙ୍ଗଗିରି**

ବାଲେଶ୍ୱର ଜିଲା ରାଇବଣିଆ ଥାନାର ଜଣେ ଡ୍ରାଇଭରଙ୍କ ଦବଙ୍ଗଗିରିକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜଣେ ବୃଦ୍ଧଙ୍କୁ ମାଡ଼ ମାରିଥିବା ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲେ ମଧ୍ୟ ରାଇବଣିଆ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ଅଭିଯୋଗ ଅନୁଯାୟୀ, ରାଇବଣିଆ ଥାନା ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ। ସ୍ଥାନୀୟ ଲୋକେ ନଦୀରୁ ବାଲି ଉତ୍ତୋଳନ କରି ବିକିଥାନ୍ତି। ବାଲି ଉତ୍ତୋଳନ କରୁଥିବା ଲୋକଙ୍କୁ ଥାନା ଡ୍ରାଇଭର ଟଙ୍କା ମାଗିବା ସହ ଧମକଚମକ ଦେଇ ଆସୁଛନ୍ତି। ମିଛ ମାମଲାରେ ଫସାଇ ଦେବେ ବୋଲି କହି ଆସୁଛନ୍ତି। କେଏମ୍ ସାହି ପଞ୍ଚାୟତ ତୋଟାପୋଡ଼ା ଗ୍ରାମର ଜଣେ ବୃଦ୍ଧଙ୍କୁ ଥାନା ଡ୍ରାଇଭର ମାଡ଼ ମାରିଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତାଙ୍କ ନାମରେ ରାଇବଣିଆ ଥାନାରେ ଗତ ଫେବୃଆରୀ ୨୮ରେ ସୁଶୀଲ ପାଲ, ଜଗନ୍ନାଥ ବେହେରା, ମନୋରଞ୍ଜନ ବେହେରା, କୈଳାଶ ବେହେରା, ସନ୍ତୋଷ ଘୋଷ, ପ୍ରଦୀପ ଘଡ଼େଇ, ବାଦଲ ବେହେରା, ନବ କୁମାର ବେହେରା, ସୁଜନ ବେହେରା, ନିତ୍ୟାନନ୍ଦ ବେହେରା, ସନୁ ଯାଦବ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଗ୍ରାମବାସୀ ପ୍ରମୁଖ ଅଭିଯୋଗ କରିଥିଲେ। ତେବେ ଅଭିଯୋଗର ୮ ଦିନ ବିତିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ରାଇବଣିଆ ଥାନା ଓଆଇସି ଜ୍ୟୋତ୍ସ୍ନାରାଣୀ ପାତ୍ରଙ୍କୁ ପଚାରିବାରୁ ଘଟଣାର ସମାଧାନ ପାଇଁ ଲୋକଙ୍କୁ ଥାନା ଡାକିଛୁ ବୋଲି କହିଛନ୍ତି।

## ସମସ୍ୟାରେ ଜାମକୁଣ୍ଡା ଫାଣ୍ଡି

କାଳିପଦା, ୧୨।୩(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନରେ ପରିଚାଳିତ ଜାମକୁଣ୍ଡା ଫାଣ୍ଡି ନାନା ସମସ୍ୟା ମଧ୍ୟଦେଇ ଗତି କରୁଛି। କଙ୍କଡ଼ାପାଳଠାରୁ ଚାଉଳିତି ପର୍ଯ୍ୟନ୍ତ ପରିବ୍ୟାପ୍ତ ୧୭ଟି ପଞ୍ଚାୟତରେ ପାଖାପାଖି ଜନସଂଖ୍ୟା ୧ଲକ୍ଷରୁ ଉର୍ଦ୍ଧ୍ୱ । ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ଫାଣ୍ଡି ଏକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଏଠାରେ ପାଟ୍ରୋଲିଂ ଗାଡ଼ି ନ ଥିବାରୁ ଫାଣ୍ଡି ଅଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳଗୁଡ଼ିକ ଗ୍ରାମାଞ୍ଚଳ ହୋଇଥିବାରୁ ପାରିବାରିକ ବିବାଦ, ଚୋରି, ଡକାୟତି, ନିଶା କାରବାର ଆଦି ଚାଲୁରହିଛି। ଦୂରତା ଓ ଲୋକସଂଖ୍ୟାକୁ ଦେଖିଲେ ଅତି କମ୍‌ରେ ଗୋଟିଏ ପାଟ୍ରୋଲିଂ ଗାଡ଼ି, ବାଇକ୍, ଅଧିକ କର୍ମଚାରୀ ଆବଶ୍ୟକତା ରହିଛି। ଏହାଛଡ଼ା ଫାଣ୍ଡି ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରି ନାହିଁ। ଗୋଟିଏ ଲୁହା ଗେଟ ମଧ୍ୟ ଭଙ୍ଗା ଅବସ୍ଥାରେ ରହିଛି। ଫାଣ୍ଡି ଅଧିକାରୀଙ୍କୁ ଛାଡିଦେଲେ ୨ଜଣ କନଷ୍ଟେବଳ ଅଛନ୍ତି। ଅନ୍ୟପକ୍ଷରେ କର୍ମଚାରୀମାନଙ୍କ ରହିବା ପାଇଁ ସରକାରୀ କ୍ୱାର୍ଟର୍ସ ନ ଥିବାରୁ ଫାଣ୍ଡି ମଧ୍ୟରେ କର୍ମଚାରୀମାନଙ୍କୁ ରହିବା ପାଇଁ ପଡୁଛି। ୩୦ଦିନରୁ ୨୦ଦିନ ଅନ୍ୟତ୍ର ଡ୍ୟୁଟି ପଡୁଥିବାରୁ ଫାଣ୍ଡିକୁ ଯାଉଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲା ପରିଷଦ ବାବାଜୀ ବେହୁରା, କଂଗ୍ରେସ ବକ୍ତା ଯୁବ ସଭାପତି ତୀର୍ଥ କୁମାର ନାଗ, ସରପଞ୍ଚ ପ୍ରତିନିଧି ବେଣୁଧର ରଣଜିତ, ବିଜେଡି ବରିଷ୍ଠ ନେତା ରବୀନ୍ଦ୍ର ବିଶ୍ୱାଳ ଓ ପଞ୍ଚାୟତ ସଭାପତି ପ୍ରମୋଦ ପାତ୍ର ପ୍ରମୁଖ ଦାବି କରିଛନ୍ତି।



ଜାମକୁଣ୍ଡା ଫାଣ୍ଡି।



## ବନବାସୀ କଲ୍ୟାଣ ଆଶ୍ରମର ବୈଠକ

ବାଙ୍ଗିରିପୋଷି, ୧୨।୩ (ସଞ୍ଜୟ କୁମାର ଅଗ୍ରୱାଲା)

ବନବାସୀ କଲ୍ୟାଣ ଆଶ୍ରମର ଜିଲା କାର୍ଯ୍ୟକାରିଣୀ ବୈଠକ କଳାବାଡ଼ିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିରକ୍ଷା ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସଂଗଠନର ଜିଲା ଉପସଭାପତି ଭୀମଚରଣ ମାଝୀ ବୈଠକକୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଧୂମେଶ୍ୱର ବାସ୍କେଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଗଠନର ରାଜ୍ୟ ପ୍ରଚାର ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗଦେଇ ବନବାସୀ କଲ୍ୟାଣ ଆଶ୍ରମର ଭୂମିକା ଉପରେ ଆଲୋଚନା କରିଥିଲେ। ବିଭାଗ ସଂଗଠନ ସମ୍ପାଦକ ଘନଶ୍ୟାମ ମହାନ୍ତ ଓ ଜିଲା ସଂଗଠନ ସମ୍ପାଦକ ବୈଶାଖୁ ସର୍ଦ୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବେଆଇନ ଧର୍ମାନ୍ତରିତ ଜନଜାତି ବ୍ୟକ୍ତିଙ୍କୁ ଆରକ୍ଷଣରୁ ବାଦ ଦେବା ପାଇଁ ଦିଲ୍ଲୀରେ ହେବାକୁ ଥିବା ସମାବେଶରେ ମୟୂରଭଞ୍ଜରୁ ଅଧିକ ସଂଖ୍ୟାକ ଜନସାଧାରଣ ଯୋଗ ଦେବାପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ପ୍ରମୁଖ ଅମୂଲ୍ୟ କୁମାର ଦେହୁରୀ, ପ୍ରଫୁଲ୍ଲ ଭକ୍ତା, ଭବାନୀ ଶଙ୍କର ଗିରି, ପୂର୍ଣ୍ଣଚନ୍ଦ୍ର ହାଁସଦା, କାହ୍ନୁଚରଣ ମହାନ୍ତ, ଦିବାକର ମହାନ୍ତ, ଭୀମଚରଣ ସିଂ, ସମରାୟ ଟୁଡୁ, ଚୈତନ୍ୟ ଆର୍ଡା ଓ ପ୍ରଧାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଦୀର୍ଘାୟୁ ପାଇଁ ଯୋଗ ଜରୁରୀ'

**ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଯୋଗ ତଥା ପ୍ରାକୃତିକ ଚିକିତ୍ସା ବିଭାଗର ଆଲୋଚନାଚକ୍ର**

ବାରିପଦା, ୧୨।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ(ଏମ୍ଏସ୍‌ସିବି)ର ଯୋଗ ତଥା ପ୍ରାକୃତିକ ଚିକିତ୍ସା ବିଭାଗ ଦ୍ୱାରା ଏକ ଜାତୀୟ ଆଲୋଚନାଚକ୍ର ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆୟୋଜିତ ହୋଇଯାଇଛି। 'ଏକ ସ୍ଥାୟୀ ଏବଂ ଦୀର୍ଘାୟୁ ଜୀବନ ଶୈଳୀ ପାଇଁ ଅଭ୍ୟାସ' ଶୀର୍ଷକରେ ଆୟୋଜିତ ଏହି ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଜୀବନ ଦୀର୍ଘାୟୁ ହେବା ପାଇଁ ଯୋଗ, ପ୍ରାଣାୟମ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସାକୁ ଆପଣାଇ ପାରିବା ଦରକାର ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଯୋଗ ପ୍ରତି ଆଗ୍ରହ ଏବଂ ଜୀବନଶୈଳୀକୁ ସୁସ୍ଥ ରଖିବାକୁ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ସୁରେଶ କୁମାର ମହାପାତ୍ର ଉପସ୍ଥିତ ରହି ମନୁଷ୍ୟ କିପରି ସୁସ୍ଥ ଜୀବନ ଶୈଳୀ ସହ ନିରୋଗମୁକ୍ତ ଜୀବନ ପ୍ରାପ୍ତି ପାଇ ପାରିବେ ସେହି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଆଇପିଏଚ ବିଶ୍ୱବିଦ୍ୟାଳୟର ପ୍ରଫେସର ଦିନେଶ କୁମାର ସ୍ୱାଇଁ, କେନ୍ଦ୍ରୀୟ ହିମାଚଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରତିଭା ଶ୍ରୀ ଉପସ୍ଥିତ ରହି ଯୋଗ ବିଷୟରେ ଆଲୋଚନା କରିଥିଲେ। ଯୋଗ ବିଭାଗର ଅଧ୍ୟାପିକା ଡ. ସୁଜାତା ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ.ସାଗର ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଅତିରିକ୍ତ ସଚିବଙ୍କ ମୋରଡ଼ା ଗସ୍ତ

ମୋରଡା, ୧୨।୩(ସ୍ମାରକ ମାଜୀ)

ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ତଥା ମୟୂରଭଞ୍ଜ ଜିଲାର ନୋଡାଲ ଅଫିସର ରଞ୍ଜିତା ବେହେରା ବୁଧବାର ମୋରଡ଼ା ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସଚିବ ବେହେରା ପ୍ରଥମେ ଦୁର୍ଗାପୁର ପଞ୍ଚାୟତ ଯାଇ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ପାଇଥିବା ବିଭିନ୍ନ ହିତାଧିକାରୀଙ୍କ ସମସ୍ୟା ବୁଝିଥିଲେ । ଏହାପରେ ହଳଦୀପାଳ ପଞ୍ଚାୟତର ପାରିଆଉଡ଼ା ଏବଂ ଅସ୍ତିଆ ଗ୍ରାମକୁ ଯାଇ ମାନକ ମାର୍ଣ୍ଡି, ମୋହନ ମାର୍ଣ୍ଡି, କାଶ୍ରାୟ ମାର୍ଣ୍ଡି ପ୍ରମୁଖ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ବର୍ତ୍ତମାନ ସୁଦ୍ଧା ଯେଉଁ ଯୋଗ୍ୟ ହିତାଧିକାରୀମାନେ ଘର ପାଇ ନାହାନ୍ତି ସେମାନଙ୍କୁ ଯଥାଶୀଘ୍ର ଘର ଯୋଗାଇ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସଚିବଙ୍କ ସହିତ ମୋରଡ଼ା ବିଡିଓ ଅଣାକର ନାଏକ, ଏପିଡି କନ୍ୟା କୁମାରୀ ମିଶ୍ର, ସହକାରୀ ଯନ୍ତ୍ରୀ ସୁଶାନ୍ତ ନାଏକ, କନିଷ୍ଠ ଯନ୍ତ୍ରୀ ଉଗ୍ରସେନ ମହାପାତ୍ର, ଜିତେନ ସାହୁ, ବିପିସିଆର ବିଦ୍ୟା ଭାରତୀ, ହଳଦୀପାଳ ସମିତି ସଭ୍ୟ ତନୟ କୁମାର ଦାସ, ସରପଞ୍ଚ ମାଳତୀ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ଲୋକଙ୍କୁ ସମସ୍ୟା ପଚାରି ବୁଝୁଛନ୍ତି ଅତିରିକ୍ତ ସଚିବ।

# ମନ ମୋହୁଛି ପଳାଶ ଫୁଲ

ମୋରଡ଼ା, ୧୨।୩(ସ୍ମାରକ ମାଜୀ)– ଫଗୁଣର ଆଗମନ ତଥା ରଙ୍ଗର ପର୍ବ ହୋଲିକୁ ନେଇ ଗାଁଠୁ ସହର ଯାଏଁ ସମସ୍ତଙ୍କ ମନରେ ଉତ୍ସାହ ଭରି ରହିଛି।


ଚିତ୍ରଡ଼ା–ମୋରଡ଼ା ରାସ୍ତା କଡ଼ରେ ଫୁଟିଥିବା ପଳାଶ ଫୁଲ।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଓ ମୋରଡ଼ା ବଜାର, ଶୀର୍ଷାପାଳ ଛକ, ବାରମାଇଲ, ଦାନ୍ତିଆମୁହାଁ, ଝିଙ୍କିରିଆ ପ୍ରଭୃତି ସ୍ଥାନରେ ରଙ୍ଗ ଦୋକାନୀମାନେ ବିଭିନ୍ନ ପ୍ରକାର ରଙ୍ଗର ଆସର ମେଲାଇ ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି। ଗୋଟିଏ ପଟେ ହୋଲି ପର୍ବକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ମୋରଡା ବ୍ଲକର ବିଭିନ୍ନ ଗାଁ ପରିବେଶର ଶୋଭାବର୍ଦ୍ଧନ କରୁଛି ପଳାଶ ଫୁଲ। ପ୍ରକୃତିର ଏହି ମନୋରମ ଦୃଶ୍ୟ ଗାଁର ଶୋଭାକୁ ଦ୍ୱିଗୁଣିତ କରୁଛି। ପଳାଶ ଫୁଲର ବାସ୍ନା ନ ଥିଲେ ମଧ୍ୟ ତା'ର ଆକର୍ଷଣୀୟ ରଙ୍ଗ ସମସ୍ତଙ୍କ ମନ ମୋହୁଛି। ପେନ୍ଥା ପେନ୍ଥା ପଳାଶ ଫୁଲ ଚିତ୍ରଡ଼ା–ମୋରଡ଼ା ରାସ୍ତା ଏବଂ ଅନ୍ୟ ଗାଁ ଦାଣ୍ଡରେ ମଧ୍ୟ ଦେଖିବାକୁ ମିଳୁଛି। ଏହି ଫୁଲରେ ପ୍ରସ୍ତୁତ ରଙ୍ଗକୁ ଦେହରେ ଲଗାଇଲେ ମିଳିମିଳା, ହାଡ଼ଫୁଟି, ବସନ୍ତ ପରି ବିଭିନ୍ନ ପ୍ରକାରର ଚର୍ମରୋଗରୁ ଉପଶମ ମିଳିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

## କାଠ ବୋଝେଇ ଗାଡ଼ି ଜବତ

ମୋରଡ଼ା, ୧୨।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ପୋଲିସ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ପିକ୍‌ଅପ୍ ଭ୍ୟାନ୍ ଯୋଗେ ବାରିପଦାରୁ ପଶ୍ଚିମବଙ୍ଗକୁ କାଠ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସତ୍ୟ ନାରାୟଣ ବଳ କୋଷ୍ଠା ନିକଟରେ ଉକ୍ତ ଗାଡ଼ିକୁ ଅଟକାଇ ବନ ବିଭାଗକୁ ଖବର ଦେଇଥିଲେ। ଏନେଇ ଏସିଏଫ୍ ରବି ନାରାୟଣ ମହାନ୍ତି ଏବଂ ଦେଉଳି ରେଞ୍ଜର ବୁଦ୍ଧେଶ୍ୱର ବେହେରାଙ୍କୁ ପଚାରିବାରୁ ଉକ୍ତ ଗାଡ଼ିରେ ଥିବା ଆକାଶିଆ କାଠ ଜବତ ହୋଇଥିବା କହିଛନ୍ତି।

## ବଢୁଛି ଗୋ ଚାଲାଣ

ମୋରଡ଼ା, ୧୨।୩(ସ୍ମାରକ ମାଜୀ)

**୧୮୨ ମଇଁଷି ଜବତ, ୫ ଗିରଫ**

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନମଣ୍ଡଳୀ ଅଧୀନ ମୋରଡ଼ା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ଥାନା ଅଞ୍ଚଳରେ ବର୍ଷତମାମ ଗୋରୁ ଏବଂ ମଇଁଷି ଚାଲାଣ ହେଉଛି। ଭଦ୍ରକ ଜିଲା ଚାନ୍ଦବାଲିରୁ ୧୮୨ଟି ମଇଁଷିକୁ ଚଲାଇ ଚଲାଇ ପଡ଼ୋଶୀ ପଶ୍ଚିମବଙ୍ଗକୁ ନିଆଯାଉଥିବା ବେଳେ ମୋରଡ଼ା ଥାନା ଅଧୀନ ଧଡ଼ାସାହି ନିକଟରେ ସ୍ଥାନୀୟ ଲୋକେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ସୁମିତ କୁମାର ସୋରେନ ସଦଳବଳେ ପହଞ୍ଚି ଯାଞ୍ଚ କରିବାରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଉକ୍ତ ମଇଁଷିଗୁଡ଼ିକୁ ଥାନାକୁ ଆଣିବା ସହିତ ଘଟଣାରେ ସମ୍ପୃକ୍ତ ୫ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ରବିବୁଲ ହଲଦର, ରାଜେଶ ମଣ୍ଡଳ, ସୁବାସ ଘୋରାମି, ରହମଦ ମଣ୍ଡଳ ଏବଂ ଇସ୍ରାବିଲ ଖାନ। ଏନେଇ ମୋରଡ଼ା ଥାନାରେ ଏକ ମାମଲା(ନଂ.୭୦/୨୫) ରୁଜୁ ହୋଇଛି।

## ଏମ୍‌ପିସି କଲେଜର ବାର୍ଷିକୋତ୍ସବ

ବାରିପଦା, ୧୨।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ତିନିଦିନ ବ୍ୟାପି ହେବାକୁ ଥିବା ବାର୍ଷିକ ଉତ୍ସବ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଉତ୍ସବର ଶୁଭ ଉଦ୍‌ଘାଟନ ହୋଇଥିଲା। ବିତ୍ତୀୟ ମୁଖ୍ୟ ତଥା କମର୍ସ ସୋସାଇଟିର ଉପ ସଭାପତି ଡ. ଆଶୁତୋଷ ପ୍ରୟାସ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ପରିଷଦର ଉପଦେଷ୍ଟା ଡ. ଆଲବେର୍ଟିନା ତିର୍କୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଶାସନିକ ମୁଖ୍ୟ ଡ.ଦୀପକ କୁମାର ବେହେରା, ଓଡ଼ିଆ ସାହିତ୍ୟ ସମାଜର ଉପ ସଭାପତି ଡ. ରୀନା ମୁର୍ମୁ, ବିଜ୍ଞାନ ସମାଜର ଉପ ସଭାପତି ଡ. ସରୋଜ ପାତ୍ର, ଡ. ସାଉନା ମାଝୀ ମଞ୍ଚାସୀନ ହେବା ସହ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ। ଛାତ୍ର ପରିଷଦ ଏବଂ ବିଜ୍ଞାନ ସାମାଜ ପକ୍ଷରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ଅଧାପିକା ବିନିତା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ୧୩ ତାରିଖ ବାର୍ଷିକ ଉତ୍ସବ ମଞ୍ଚରେ ଷ୍ଟାଫ କ୍ଲବର ସଦସ୍ୟଙ୍କ ଦ୍ୱାରା ଏକ ନାଟକ ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ବ୍ୟବସାୟିକ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

ସାବରଙ୍ଗ,୧୨।୩(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ନାୟକାଣିଡିହୀ ଥାନା ଅଧୀନ ଲକ୍ଷ୍ମୀଦାସପୁର ଗ୍ରାମର ଦୁଇଜଣ ଯୁବକଙ୍କ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଛି। ସେମାନେ ହେଲେ ତାରାକାନ୍ତ ବଳ ଓ ରମାକାନ୍ତ ବଳ। ପୂର୍ବରୁ ସେହି ଗ୍ରାମର କିଛି ବ୍ୟକ୍ତିଙ୍କ ସହ ସେମାନଙ୍କର ବ୍ୟବସାୟକୁ ନେଇ ଶତ୍ରୁତା ପାଇଁ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଯୁବକ ଦ୍ୱୟ ଘରକୁ ଲକ୍ଷ୍ମୀଦାସପୁର ବଜାରରୁ ଫେରୁଥିବା ବେଳେ ୬ରୁ ୭ ଜଣ ବ୍ୟକ୍ତି ତାଙ୍କୁ ରଡ଼ ଓ ବାଡ଼ିରେ ଆକ୍ରମଣ କରିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଏ ନେଇ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କ ମାଡ଼ ମାଳତୀ ବଳଙ୍କ ଅଭିଯୋଗକ୍ରମେ ନାୟକାଣିଡିହୀ ଥାନାରେ ମାମଲା (ନଂ ୫୦/୨୫) ରୁଜୁ ହୋଇଛି।

### ପୋଲିସ ହେପାଜତରୁ ଅଭିଯୁକ୍ତ ଖସିଗଲେ

ଭଦ୍ରକ,୧୨।୩(ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ବୁଧବାର ମଧ୍ୟାହ୍ନରେ ଖସି ଯାଇଛନ୍ତି। ୧୩୮ ଏନ୍ଆଇ ଆକ୍ଟରେ ଜାମିନ ହୋଇସାରିଥିବା ଯୁବକଙ୍କୁ ଥାନାର ଜଣେ କନଷ୍ଟେବଲ ଜିଲା କୋର୍ଟକୁ ହାଜର ପାଇଁ ନେଉଥିଲେ। ଓରିଅନ ହୋଟେଲ ନିକଟରେ ବାଇକ୍‌ରୁ ଡେଇଁ ଫେରାର ହୋଇ ଯାଇଥିବା ଜଣାପଡ଼ିଛି। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହୋଟେଲର ସିସି କ୍ୟାମେରା ଯାଞ୍ଚ କରି ଉକ୍ତ ଯୁବକକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି। ଫେରାର ଯୁବକକୁ ଧରିବା ପାଇଁ ପୋଲିସ ଟ୍ରାକିଂ ଆରମ୍ଭ କରିଛି। ଖୁବ୍‌ଶୀଘ୍ର ଯୁବକକୁ ଧରାଯିବ ବୋଲି ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

ବାସୁଦେବପୁର,୧୨।୩(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଥାନା ଅଧୀନ ଗଗନବାବୁ ଛକରୁ ବାସୁଦେବପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିବା ଲିଲି ପୁହାଣ(୨୮) ନାମ୍ନୀ ମହିଳାଙ୍କର ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହୋଇଛି। ମୃତା ହେଉଛନ୍ତି ଏଡ଼ତାଳ ଗ୍ରାମର ଦୟାନିଧି ପଲେଇଙ୍କ ସ୍ତ୍ରୀ। ଲିଲିଙ୍କ ଦେହ ଖରାପ ଥିବା ବେଳେ ସେ ଚିକିତ୍ସା ପାଇଁ ବୁଧବାର ଅପରାହ୍ନ ୫ଟାରେ ବାସୁଦେବପୁର ଡାକ୍ତରଖାନାକୁ ଆସୁଥିବା ବେଳେ ମୃତ୍ୟୁ ଘଟିଛି।

### ଚୋରା କୋଇଲା ବୋଝେଇ ଗାଡ଼ି ଜବତ
### ୩.୫ ଟନ୍ କୋଇଲା ଜବତ

ସାବରଙ୍ଗ,୧୨।୩(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ସାବରଙ୍ଗ ହନୁମାନ ଛକଠାରେ ଏକ ଚୋରା କୋଇଲା ବୋଝେଇ ପିକଅପ ଭ୍ୟାନ୍‌କୁ ମଙ୍ଗଳବାର ବିଳମ୍ବିତ ରାତିରେ ଜବତ କରିଛି। ପିକଅପ୍ (ନଂ ଓଡି ୨୨ ଏଚ୍ ୬୮୫୦) ବାଲିବିଲଠାରୁ ସାବରଙ୍ଗ ଆଡ଼କୁ ଆସୁଥିବା ଖବର ପାଇ ଥାନାଧିକାରୀ ଉମାଶଙ୍କର ନାୟକ, ଏଏସ୍ଆଇ କମଳାକାନ୍ତ ନାୟକ, ହାବିଲଦାର ବିନୋଦ ପୃଷ୍ଟି, ସୁଶାନ୍ତ ମହାପାତ୍ର ପ୍ରମୁଖ ରାସ୍ତାରେ ଜଗି ରହିଥିଲେ। ହନୁମାନ ଛକଠାରେ ପିକଅପ୍‌ଟି ଦ୍ରୁତଗତିରେ ଯାଉଥିବା ବେଳେ ତାକୁ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲେ। ଏଥିରେ ୩.୫ ଟନ୍‌ରୁ ଉର୍ଦ୍ଧ୍ୱ ଚୋରା କୋଇଲା ରହିଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା (ନଂ ୫୮/୨୫) ରୁଜୁ ହୋଇଛି।

### ବିଦ୍ୟାଳୟରୁ ଚୋରିବେଳେ କାବୁ କଲେ ଲୋକେ

ସାବରଙ୍ଗ,୧୨।୩(କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଚାରବାଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ରାତିରେ ଚୋରି ଉଦ୍ଦେଶ୍ୟରେ ପଶିଥିବା ୨ ଜଣଙ୍କୁ ଗ୍ରାମବାସୀ କାବୁ କରିଛନ୍ତି। ସେମାନଙ୍କୁ ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ୪ ଅଭିଯୁକ୍ତ ବିଦ୍ୟାଳୟର ପାଚେରି ଡେଇଁ ଚୋରି କରିବା ପାଇଁ ପ୍ରସ୍ତୁତ ହେଉଥିଲେ। ବିଦ୍ୟାଳୟ ଆଗରେ ଶୋଇଥିବା କିଛି ଗ୍ରାମବାସୀ ଜାଣି ପାରିଥିଲେ। ଚାରିପଟୁ ଘେରିଯିବା ପରେ ପାଚେରି ଡେଇଁ ୨ ଦୁର୍ବୃତ୍ତ ଖସି ପଳାଇଥିଲେ। ୨ ଜଣ ବିଦ୍ୟାଳୟ ପଛପଟ ଥିବା ଦଳ ପୋଖରୀରେ ଲୁଚି ଯାଇଥିଲେ। ନାୟକାଣିଡିହୀ ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ୨ ଜଣଙ୍କୁ ଧରି ଥାନାକୁ ନେଇଛନ୍ତି।

# ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେସରକାରୀ ଚିକିତ୍ସା

ତିହିଡି,୧୨।୩(ସଞ୍ଜିତ ବଳ)


ସାମାଜିକ ସଂଗଠନ କର୍ମକର୍ତ୍ତା ମେଡିକାଲ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ମହିଳା ରୋଗୀ ଶୋଷଣର ଶିକାର
- କାର୍ଯ୍ୟାନୁଷ୍ଠାନ ଦାବିକଲା ସାମାଜିକ ସଂଗଠନ

ଭଦ୍ରକ ଜିଲା ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଦୀର୍ଘଦିନ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଘରୋଇ ଚିକିତ୍ସା କରୁଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବେସରକାରୀ ଚିକିତ୍ସା ଯୋଗୁ ମହିଳା ରୋଗୀମାନେ ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବ୍ଲକ୍‌ର କେତେକ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ସ୍ୱର ଉଠାଇ ବୁଧବାର ମଧ୍ୟାହ୍ନ ୧୨ଟା ବେଳେ ମେଡିକାଲ ଅଫିସରଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ନିଜ ଡ୍ୟୁଟି ସମୟରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥିତ ନିଜ ଚ୍ୟାମ୍ବରରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଏଥିପାଇଁ ରୋଗୀଙ୍କଠାରୁ ୨ଶହ ଟଙ୍କା ଦାବି କରୁଛନ୍ତି। ଦୂରଦୂରାନ୍ତରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ଗରିବ ଓ ନିଃସହାୟ ରୋଗୀ ନିଶୁଳ୍କ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ରୋଗୀଙ୍କ ପାଇଁ ସରକାରଙ୍କ ମାଗଣା ସେବା ପ୍ରହସନରେ ପରିଣତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ତ୍ତବ୍ୟନିଷ୍ଠ ଡାକ୍ତର ବେସରକାରୀ ଭାବେ ଅର୍ଥ ଉପାର୍ଜ୍ଜନ କରିବା କେତେ ଦୂର ନ୍ୟାୟସଙ୍ଗତ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ସେହି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜ୍ୟୋର୍ତିମୟ ପାଣ୍ଡବ, ରାଜୀବ ନାୟକ, ଖଗେଶ୍ୱର ତ୍ରିପାଠୀ, ବିସ୍ମୟ ବିହାରୀ ସାହୁ, ସତ୍ୟନାରାୟଣ ସାବତ, କୃପାସିନ୍ଧୁ ଦାସ, କୈଳାଶ ବେହେରା, ଅନୀଲ ନାୟକ, ରମେଶ ଚନ୍ଦ୍ର ଦାସ, କାହ୍ନୁଚରଣ ଶତପଥୀ, ନିରଞ୍ଜନ ବାରିକ, ଶିବପ୍ରସାଦ ପାଟ ଏବଂ ଜୀବନ ଜ୍ୟୋତି, ବିପଦ ବନ୍ଧୁ, ଉତ୍କଳମଣି, ଗୋପବନ୍ଧୁ, ଯୁବମଞ୍ଚ, ଆଗାମୀ ଆଲୋକ, ଇଣ୍ଡିଆନ ୱାରିଅର୍ସ, ଦଧିବାବନ ଜୀଉ, ମା' ବାସନ୍ତୀ ପ୍ରମୁଖ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ପ୍ରମୁଖ ଦାବି ଜଣାଇଛନ୍ତି। ମେଡିକାଲ ଅଫିସର ଡା. ଶୁଭକାନ୍ତ ଓଝା କହିଥିଲେ, ଏ ସମ୍ପର୍କରେ ସିଡିଏମ୍ଓ ଅବଗତ ଅଛନ୍ତି। ସେ ପୁଣିଥରେ ତାଙ୍କୁ ଅବଗତ କରାଇବେ।

# କାମୁଡ଼ା ଘୋଡ଼ାଙ୍କୁ କାବୁ କରୁନି ପ୍ରଶାସନ

## ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କ୍ଷତାକ୍ତ କଲେଣି


ସହର ମଧ୍ୟରେ ଆତଙ୍କ ସୃଷ୍ଟି କରିଥିବା ଦୁଇ ଘୋଡ଼ା।

ବାସୁଦେବପୁର,୧୨।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହର ମଧ୍ୟରେ ୨ଟି ଘୋଡ଼ା ଗତ କିଛିଦିନ ଧରି ଆତଙ୍କ ଚଳାଇଛନ୍ତି। ସହରବାସୀ, ପଥଚାରୀ, ବ୍ୟବସାୟୀ, ବାଇକ୍ ଚାଳକ, ସାଇକେଲ ଚାଳକଙ୍କୁ କାମୁଡ଼ି ରକ୍ତାକ୍ତ କରୁଛନ୍ତି ଏହି ଦୁଇ ଘୋଡ଼ା। ୧୫ ଦିନ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ଲୋକ କ୍ଷତାକ୍ତ ହୋଇସାରିଲେଣି। ଏହି ୨ଟି ଅଣ୍ଡିରା ଘୋଡ଼ା ବାସୁଦେବପୁର ବଜାର ଓ ସଂଲଗ୍ନ ଅଞ୍ଚଳରେ ଚରାବୁଲା କରୁଛନ୍ତି। ଏପରିକି ଦୋକାନ ଦୋକାନ ବୁଲି ଖାଦ୍ୟ ଖାଇଥାନ୍ତି। ପ୍ରକାଶଯୋଗ୍ୟ, ଏହି ଦୁଇ ଘୋଡ଼ା ଲୋକଙ୍କୁ ଖାଦ୍ୟ ପାଇଁ କାମୁଡୁଛନ୍ତି କି ପାଗଳ ତାହା ସ୍ପଷ୍ଟ ହୋଇନାହିଁ। ପ୍ରଥମେ ଗୋଟିଏ ଘୋଡ଼ା ବାସୁଦେବପୁର ବଜାରରେ ବୁଲୁଥିବା ବେଳେ ପ୍ରାୟ ୧ ମାସ ହେବ ଅନ୍ୟ ଏକ ଘୋଡ଼ା ସହରକୁ ଆସିଥିଲା। ତେବେ କେଉଁଠୁ ଏହି ଘୋଡ଼ା ଆସିଲେ ତାହା ସ୍ପଷ୍ଟ ହୋଇନାହିଁ। ଏହି ଘୋଡ଼ାକୁ କାବୁ କରିବାରେ ପ୍ରଶାସନ ଦୀର୍ଘ ୧୫ ଦିନ ହେବ ବିଫଳ ହୋଇଛି। ବନ୍ୟପ୍ରାଣୀ ବିଭାଗ, ପ୍ରାଣୀସମ୍ପଦ ବିଭାଗ, ପୌର ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେଉ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସମସ୍ୟା ବାବଦରେ ସଡ଼କ ସୁରକ୍ଷା ସଚେତନତା ସଭାରେ ଜିଲାପାଳ ଦିଲୀପ ରାଉତରାଏ, ବିଧାୟକ ଅଶୋକ କୁମାର ଦାସ ଓ ପୋଲିସ ପ୍ରଶାସନର ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ପଚାରିବାରୁ ଏହି ୨ ଘୋଡ଼ାକୁ କାବୁ କରିବା ପାଇଁ ସେ ବିଭାଗର ସହଯୋଗ ନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ସରିଲା ମୁନ୍‌ସୀ ମେଳଣ


ମଣ୍ଡପରେ ବିଜେ କରିଥିବା ବିମାନ।

ଭଣ୍ଡାରିପୋଖରୀ,୧୨।୩(ରାଜେନ୍ଦ୍ର ଶତପଥୀ)

## ମଣ୍ଡପରେ ବିଜେ ହେଲେ ୬୬ ବିମାନ

ଭଣ୍ଡାରିପୋଖରୀ ଥାନା ପରିସରରେ ସୋମବାରଠାରୁ ଆରମ୍ଭ ହୋଇଥିବା ମୁନ୍‌ସୀ ମେଳଣ ବୁଧବାର ସକାଳେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଅନ୍ୟତମ ଅତିଥି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ନାଟ୍ୟକାର ସୁଧାକର ନନ୍ଦ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା ଯୋଗଦେଇ ମୁନ୍‌ସୀ ମେଳଣ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଭରତ ଚନ୍ଦ୍ର କରଣ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ୟାମସୁନ୍ଦର ମହାପାତ୍ର ଧନ୍ୟବାଦ ଦେଇଥିଲେ। ମେଳଣ ପଡ଼ିଆରେ ଆଖପାଖର ୬୬ ସୁସଜ୍ଜିତ ବିମାନ ବିଜେ କରିଥିଲେ। ମେଳଣ କମିଟି ପକ୍ଷରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯିବା ପରେ ବିମାନ ଗୁଡିକ ଥାନା ପରିସର ମେଳଣ ପଡ଼ିଆକୁ ପ୍ରବେଶ କରିଥିଲେ। ବିମାନରେ ଭୋଗ ଲାଗି ହେବା ପରେ ପ୍ରଭୁଙ୍କ ସହ ଭକ୍ତ ଜନସାଧାରଣ ଓ ପୋଲିସ ମିଳିତ ହୋଇ ଫଗୁ ଖେଳିଥିଲେ। ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ସାମାଜିକକର୍ମୀ ଅନନ୍ତ ତ୍ରିପାଠୀ, ମେଳଣ କମିଟି ଓ ଥାନା କର୍ମଚାରୀ ମାନେ ଉତ୍ସବ ପରିଚାଳନା କରିଥିଲେ।

### ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ

ଧୂଷୁରୀ, ୧୨।୩ ( ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଦୋହରା ପାଟଣା ନିକଟରେ ଭଦ୍ରକ-ଆରଡି ୩୫ ନମ୍ବର ରାଜ୍ୟପଥରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ ତଳଦୁମୁକାର ଗାଆଁର ଚନ୍ଦନ ଜେନା ( ୨୫ ) ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ବଜରାପାଟ ଗାଆଁର ଶିବ ଜେନା ( ୨୩)। ୨ ଯୁବକ ଆରଡିରୁ ଭଦ୍ରକ ଯାଉଥିବା ବେଳେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଧୂଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ଉଭୟଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଏକ ମାମଲା (ନଂ. ୧୦୦/୨୦୨୫) ରୁଜୁ ହୋଇଛି।

### ଶ୍ରୀରାମ ସେନାର ମହାସମାବେଶ



ସଙ୍ଗଠନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ,୧୨।୩(ସନାତନ ରାଉତ)

ଶ୍ରୀରାମ ସେନା ଭଦ୍ରକ ଶାଖା ପକ୍ଷରୁ ସୋମବାର ଜନ ଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟା ୭ଟାରେ ଭଦ୍ରକ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉପଦେଷ୍ଟା ଜ୍ଞାନପ୍ରକାଶ ପାଣି ସଭାପତିତ୍ୱ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ସଙ୍ଗଠନର କାର୍ଯ୍ୟ ଓ ସେବାକୁ ପ୍ରଶଂସା କରିଥିଲେ। ସେନା ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତ୍ରାଙ୍କନ, ବକ୍ତୃତା, ସାଂସ୍କୃତିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପି କାର୍ଯ୍ୟକ୍ରମକୁ ଜିଲା ସଭାପତି ହରିହର ଚାନ୍ଦ, ସମ୍ପାଦକ ସରୋଜ ଦାସ, କୋଷାଧ୍ୟକ୍ଷ ଜ୍ୟୋତିବିକାଶ ପାଣି, ନରେଶ ବଳ, ମଧୁସୂଦନ ସାହୁ, ସୁବାସ ନାୟକ, ସୁଜୟ ଦାସ, ସ୍ୱର୍ଣ୍ଣଲତା ମିଶ୍ର, ଉମାକାନ୍ତ ସାହୁ, କାର୍ତ୍ତିକ ରଣା, ଅଶ୍ୱିନୀ ସାମଲ, ରଶ୍ମିରଞ୍ଜନ ମଲିକଙ୍କ ସମେତ ଶ୍ରୀରାମ ସେନା ଓ ଜାନକୀ ବାହିନୀର ସଭ୍ୟା ସଭ୍ୟମାନେ ପରିଚାଳନା କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ଗାଁସାଥୀଙ୍କ ଗଣଧାରଣା

ଭଦ୍ରକ,୧୨।୩(ସନାତନ ରାଉତ)


ଗାଁସାଥୀ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଭଦ୍ରକ ଜିଲା ସଂଯୋଜକ ପ୍ରମୋଦ କୁମାର ସାମଲ ଓ ଆବାହକ ରବୀନ୍ଦ୍ର ସାହୁଙ୍କ ନେତୃତ୍ୱରେ ଗାଁସାଥିମାନେ ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ଅଫିସ ଆଗରେ ଗଣଧାରଣା ଦେଇଥିଲେ। ସର୍ବନିମ୍ନ ମାସିକ ୧୨ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଇଲିଗାଲ ମେଟ୍ ହଟାଇବା, ଲାଇନ ଡିପାର୍ଟମେଣ୍ଟ କାର୍ଯ୍ୟରେ ଲିଗାଲ ଗାଁସାଥୀ(ମେଟ)ମାନଙ୍କୁ ପ୍ରାପ୍ୟ ସହିତ ମୁତୟନ ଆଦି ଦାବି ବାବଦରେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବା ସହିତ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ। ଧାରଣାସ୍ଥଳରେ ଦୀପ ଜାଳି ୫ ଘଣ୍ଟିଆ ପ୍ରତୀକ ଧାରଣା ଦିଆଯାଇଥିଲା। ଅକ୍ଷୟ କୁମାର ଯେନା, ମନୋଜ ପାଢ଼ୀ, ଅର୍ଜୁନ ମଣ୍ଡଳ, ହରେଶ ଖୁଣ୍ଟିଆ, ଗୋପାଳ ଯେନା, ଉର୍ମିଳା ସେଠୀ, ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ଆସିଥିବା ଗାଁସାଥୀମାନେ ଗଣଧାରଣାରେ ସାମିଲ ହୋଇଥିଲେ।

### ବାଟବଣା ଯୁବକଙ୍କୁ ଘରେ ପହଞ୍ଚାଇଲା ପୋଲିସ

ଭଣ୍ଡାରିପୋଖରୀ,୧୨।୩(ରାଜେନ୍ଦ୍ର ଶତପଥୀ)

ବାଟବଣା ହୋଇଥିବା ଜଣେ ଯୁବକଙ୍କୁ ଭଣ୍ଡାରିପୋଖରୀ ପୋଲିସ ବୁଧବାର ତାଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମରେ ପହଞ୍ଚାଇଛି। ସୂଚନା ମୁତାବକ, ଗ୍ରାମର ରାମ ମୁଣ୍ଡା ୧୫ ଦିନ ପୂର୍ବରୁ ବାଟବଣା ହୋଇ ଗତ ଶନିବାର ଦିନ ପ୍ରାୟ ୧୨ଟା ବେଳେ ଭଣ୍ଡାରିପୋଖରୀ ଥାନା ରାଢ଼ୋ ଛକରେ ସନ୍ଦେହଜନକ ଭାବେ ବୁଲାବୁଲି କରୁଥିଲେ। ସ୍ଥାନୀୟ ଯୁବକ ପଚରାଉଚରା କରି ବାଟବଣା ହୋଇଥିବା ଜାଣିବା ପରେ ଖବରଦାତା ଦୁର୍ଯ୍ୟୋଧନ ଲେଙ୍କାଙ୍କୁ ଜଣାଇଥିଲେ। ତାଙ୍କଠାରୁ ଖବରପାଇ ଭଣ୍ଡାରିପୋଖରୀ ପୋଲିସ ଯୁବକକୁ ଥାନାକୁ ଆଣି ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ୫ ଦିନ ପର୍ଯ୍ୟନ୍ତ ସେମାନେ ନ ଆସିବାରୁ ଥାନାର ଜଣେ କର୍ମଚାରୀ ଉଦୟ ଭାନୁ ପାତ୍ରଙ୍କ ସହାୟତାରେ ରାମଙ୍କୁ ତାଙ୍କ ଘରକୁ ପଠାଯାଇଛି।

### ଶିଶୁ ସୁରକ୍ଷା ପାଇଁ ସଚେତନତା

ବନ୍ତ,୧୨।୩(ହରିନାରାୟଣ ମହାନ୍ତି)

ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ପକ୍ଷରୁ ବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ଓ ଅଧିକାର ଏବଂ ଚାଇଲ୍ଡ ହେଲ୍ପ ଲାଇନର ସହାୟତା ନିମନ୍ତେ ବିଦ୍ୟାଳୟ ସ୍ତରୀୟ ସଚେତନତା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ମଲ୍ଲିକଙ୍କ ସଂଯୋଜନାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଯୋଗଦେଇ ଶିଶୁର ମୁଖ୍ୟ ଅଧିକାର, ଶିଶୁର ସୁରକ୍ଷା ସମ୍ବନ୍ଧରେ ବୁଝାଇଥିଲେ। ପ୍ରଧାନଶିକ୍ଷକ ଉତ୍ତମ କୁମାର ଦତ୍ତ ଶିଶୁ ମାନେ ନିଜ ଅଧିକାର ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ନାରାୟଣ ଧଳ, ଶିକ୍ଷୟତ୍ରୀ ମାନି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ,୧୨।୩(ସନାତନ ରାଉତ)

୯୦ତମ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲା ସଂସ୍କୃତି ଭବନରେ ବୁଧବାର ଅପରାହ୍ନ ୫ଟାରେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ତଥ୍ୟ ଉପସ୍ଥାପନ ଆଧାରରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ପୂର୍ବାହ୍ନ ୮ଟାରେ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯିବ। ସନ୍ଧ୍ୟାରେ ଶହୀଦ ସ୍ମୃତି ଭବନରେ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ଚୂଡ଼ାନ୍ତ ହୋଇଥିଲା। ସହରରେ ଥିବା କିଛି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମୁକୁଳା ପଡ଼ିଥିବା ନେଇ ଆଇନଜୀବୀ ଅତିଶ ବେହେରା ଅବଗତ କରିବା ପରେ ସେ ସବୁର ସ୍ଥାୟୀ ସମାଧାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସୁଧାକର ରାଉତ, ଅମର ପାଣିଗ୍ରାହୀ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ସମେତ ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇ ମତାମତ ପ୍ରଦାନ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଭଦ୍ରକ,୧୨।୩(ସନାତନ ରାଉତ)

## ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପକ୍ଷରୁ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି


କର୍ମଚାରୀ ମହାସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ସରକାରୀ ଆଉଟସୋର୍ସିଂ ଭଦ୍ରକ ଜିଲା କର୍ମଚାରୀ ମହାସଂଘ ପକ୍ଷରୁ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହିତ ନିଯୁକ୍ତି ସୁରକ୍ଷା, ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଦାବି ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ବୁଧବାର ମଧ୍ୟାହ୍ନ ୧୨ ଟାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଉଟସୋର୍ସିଂ କର୍ମଚାରୀମାନେ ସରକାରଙ୍କ ସମସ୍ତ ଯୋଜନାଗୁଡ଼ିକ ସଫଳ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। କିନ୍ତୁ ପରିତାପର ବିଷୟ ଦୀର୍ଘ ବର୍ଷ ଚାକିରି ପରେ ରାଜ୍ୟରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରାୟ ୭୦ ହଜାର କର୍ମଚାରୀ ବିଭିନ୍ନ ଚିଠି ମାଧ୍ୟମରେ ଛଟେଇ କରାଯାଉଛି। ଗୃହ ବିଭାଗର ଆଦେଶ ସଂଖ୍ୟା(୨୩୫୮୨ / ୧୩ ଜୁଲା ୨୦୨୨)ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଗୃହ ବିଭାଗ, ପରିବହନ ଓ ମିଶନ ଶକ୍ତି ସମେତ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ କରାଗଲା। ଏହି ସମସ୍ୟା ବାବଦରେ ଆସନ୍ତା ୧୯ତାରିଖ ଭିତରେ ଆଲୋଚନା କରି ନ୍ୟାୟ ପ୍ରଦାନ କରା ନ ଗଲେ ମାର୍ଚ୍ଚ ୨୪ ତାରିଖଠାରୁ କାର୍ଯ୍ୟବନ୍ଦ କରି ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି ଅସୀମାନନ୍ଦ ରାୟ, ସମ୍ପାଦକ ମୋହନ କୁମାର ସାହୁ, ସ୍ମୃତିରେଖା ମହାପାତ୍ର, ଅୟସକାନ୍ତ ମାଝୀ, କ୍ଷୀରୋଦ ପଣ୍ଡା, କ୍ଷୀରୋଦ ବଳ, ଅମିତ ପଣ୍ଡା, ମାଧବାନନ୍ଦ ରାଉତ ପ୍ରମୁଖ କର୍ମଚାରୀମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

